# NATIONAL NEWS BULLETIN (ODIA)
## 21 February-2025
### Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀ ଠାରେ ଶୋଲ୍ ଲିଡର୍‌ସିପ୍ ସମ୍ମିଳନୀକୁ ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ବିଶ୍ୱ ଭୂ-ରାଜନୈତିକ ପରିସ୍ଥିତି ଉପରେ ଗୁରୁତ୍ୱାରୋପ କରିଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରୀ ।
- ମହାକୁମ୍ଭ ମେଳା ପାଳନ ଅବସରରେ ଉତ୍ତର ପ୍ରଦେଶର ବିଭିନ୍ନ ଜେଲ୍ ପରିସରରେ କଏଦୀଙ୍କ ଲାଗି ହୋଇଛି ପବିତ୍ର ସ୍ନାନର ବ୍ୟବସ୍ଥା ।
- ବିଦ୍ୟୁତ୍, ଜଳ ଏବଂ ସଡ଼କ ଭଳି ଅତ୍ୟାବଶ୍ୟକ ଭିତ୍ତିଭୂମିର ଉପଲବ୍ଧତା ଉପରେ ସରକାର ଦେଉଛନ୍ତି ଗୁରୁତ୍ୱ, କହିଲେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ।

ଏବଂ

- ଆଇସିସି ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାରେ ବାଂଲାଦେଶକୁ ୬ ୱିକେଟ୍‌ରେ ପରାସ୍ତ କଲା ଭାରତ ।

# ପିଏମ୍ କନ୍‌କ୍ଲେଭ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀ ଠାରେ ଶୋଲ୍ ଲିଡର୍‌ସିପ୍ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଭାରତ ମଣ୍ଡପମ୍ ଠାରେ ଏହି ସମ୍ମିଳନୀର ପ୍ରଥମ ସଂସ୍କରଣ ଆଜିଠାରୁ ଆରମ୍ଭ ହେଉଛି । ଏଥିରେ ସମ୍ମାନିତ ଅତିଥି ଭାବେ ଭୁଟାନ ପ୍ରଧାନମନ୍ତ୍ରୀ ଦାଶୋ ସେରିଂ ତୋବ୍‌ଗେ ଯୋଗଦେଇ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ରାଜନୀତି, କ୍ରୀଡ଼ା, କଳା ଓ ଗଣମାଧ୍ୟମ, ସାର୍ବଜନୀନ ନୀତି, ବ୍ୟାବସାୟ ଏବଂ ସାମାଜିକ କ୍ଷେତ୍ର ଭଳି ବିଭିନ୍ନ କ୍ଷେତ୍ରରେ ଏହି ସମ୍ମିଳନୀରେ ମତବିନିମୟ ହେବ ।

ଯୁବବର୍ଗଙ୍କୁ ଏହି ଦୁଇ ଦିନିଆ ସମ୍ମିଳନୀ ପ୍ରେରଣା ଯୋଗାଇବ ସହ ଚିନ୍ତାଶୀଳ ନେତୃତ୍ୱ ଇକୋସିଷ୍ଟମ୍‌କୁ ପ୍ରୋତ୍ସାହନ ପ୍ରଦାନ କରିବାର ଲକ୍ଷ୍ୟ ରଖାଯାଇଛି । ଆନୁଷ୍ଠାନିକ ପ୍ରଶିକ୍ଷଣ ମାଧ୍ୟମରେ ଭାରତର ରାଜନୈତିକ ନେତୃତ୍ୱ ଦୃଶ୍ୟପଟ୍ଟକୁ ବ୍ୟାପକ କରିବା ସହିତ  ଯୁବବର୍ଗଙ୍କ ମଧ୍ୟରେ ଯୋଗ୍ୟତା, ପ୍ରତିବଦ୍ଧତା ଏବଂ ଜନସେବା ପ୍ରତି ପ୍ରୋତ୍ସାହନ ପ୍ରଦାନ କରିବାକୁ ଏହି ସମ୍ମିଳନୀର ଉଦ୍ଦେଶ୍ୟ । ଗୁଜରାଟର ସ୍କୁଲ୍ ଅଫ୍ ଅଲ୍ଟିମେଟ୍ ଲିଡର୍‌ସିପ୍ ହେଉଛି ଏକ ଅନୁଷ୍ଠାନ, ଯାହା ଯୁବ ନେତାଙ୍କୁ ଜନମଙ୍ଗଳ କାର୍ଯ୍ୟରେ ପ୍ରୋତ୍ସାହନ ପ୍ରଦାନ କରିବାରେ ସାହାଯ୍ୟ କରିଥାଏ । ସାମ୍ପ୍ରତିକ ସମାଜରେ ନେତୃତ୍ୱର ଜଟିଳ ଆହ୍ୱାନ ଗୁଡ଼ିକୁ ମୁକାବିଲା କରିବାରେ

ଯୁବବର୍ଗଙ୍କ ମଧ୍ୟରେ ବୁଦ୍ଧି, ଦକ୍ଷତା ଆଦି ବିକାଶରେ ଏଭଳି ସମ୍ମିଳନୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ।

## ଜୟଶଙ୍କର-ଜି-୨୦

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ବିଶ୍ୱ ଭୂ-ରାଜନୈତିକ ପରିସ୍ଥିତି ଉପରେ ଗୁରୁତ୍ୱାରୋପ କରିଛନ୍ତି । ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗଠାରେ ଅନୁଷ୍ଠିତ ଜି-୨୦ ବୈଦେଶିକ ମନ୍ତ୍ରୀସ୍ତରୀୟ ସମ୍ମିଳନୀରେ ଯୋଗଦେଇ ଡକ୍ଟର ଜୟଶଙ୍କର ଏହା କହିଛନ୍ତି । ଯୋଗାଣ ଶୃଙ୍ଖଳ, ବାଣିଜ୍ୟ, ଅର୍ଥନୀତି, ତଥ୍ୟ, ସଫଳ ବ୍ୟବହାର ଉପରେ ସେ ଗୁରୁତ୍ୱ ପ୍ରଦାନ କରିବା ସହ କୃତ୍ରିମ ବୁଦ୍ଧିମତ୍ତା, ବୈଦ୍ୟୁତିକ ଯାନ, ମହାକାଶ କ୍ଷେତ୍ର, ଡ୍ରୋନ୍ ଏବଂ ସବୁଜ ଉଦ୍‌ଯାନ କ୍ଷେତ୍ରରେ ଭୂ-ରାଜନୈତିକ ପ୍ରଭାବ ସମ୍ପର୍କରେ ଆଲୋକପାତ କରିଥିଲେ ।

ବୈଶ୍ୱିକ ନିଅଣ୍ଟକୁ ମୁକାବିଲା କରିବା ଦିଗରେ ଅଧିକ ନିରପେକ୍ଷ ନିଷ୍ପତ୍ତିର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ ।  ଗାଜା ଅସ୍ତ୍ର ବିରତିକୁ ଭାରତ ସ୍ୱାଗତ କରିଛି ଏବଂ ପଣବନ୍ଦୀ ତଥା କଏଦୀଙ୍କୁ ଉଭୟ ପକ୍ଷଙ୍କ ଦ୍ୱାରା ମୁକ୍ତ କରାଯିବା ପଦକ୍ଷେପକୁ ଭାରତ ସମର୍ଥନ ପ୍ରଦାନ କରିଛି ବୋଲି ଡକ୍ଟର ଜୟଶଙ୍କର କହିଥିଲେ । ପଶ୍ଚିମ ଏସୀୟ ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ସମଗ୍ର ବିଶ୍ୱ ପାଇଁ ଜରୁରୀ ବୋଲି ସେ କହିଥିଲେ । ୟୁକ୍ରେନ୍

ବିବାଦ ଉପରେ ଆଲୋକପାତ କରି ଡକ୍ଟର ଜୟଶଙ୍କର କହିଥିଲେ, ଭାରତ ସର୍ବଦା ଆଲୋଚନା ଏବଂ କୂଟନୀତିକୁ ସମର୍ଥନ କରି ଆସିଛି ।

## ପିଏମ୍-ମରାଠୀ ସାହିତ୍ୟ ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂଆଦିଲ୍ଲୀ ଠାରେ ଆଜି ୯୮ତମ ଅଖିଳ ଭାରତୀୟ ମରାଠୀ ସାହିତ୍ୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ନିକଟରେ ମରାଠୀ ଭାଷାକୁ ସରକାରଙ୍କ ପକ୍ଷରୁ ଶାସ୍ତ୍ରୀୟ ଭାଷାରେ ମାନ୍ୟତା ପ୍ରଦାନ କରାଯାଇଛି । ଏହି ତିନି ଦିନିଆ ସମ୍ମିଳନୀ ଅବସରରେ ଆଲୋଚନା ବୈଠକ, ପୁସ୍ତକ ପ୍ରଦର୍ଶନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ ଆଦିର ଆୟୋଜନ କରାଯାଇଛି । ଭାଷା ସଂରକ୍ଷଣ, ଅନୁବାଦ, ସାହିତ୍ୟ କୃତି ଆଦିର କମ୍ପ୍ୟୁଟରିକରଣ ଉପରେ ଏହି ବୈଠକରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ୭୧ ବର୍ଷ ପରେ ନୂଆଦିଲ୍ଲୀ ଠାରେ ଆୟୋଜିତ ହେଉଥିବା ଏହି ସମାବେଶ ପରିପ୍ରେକ୍ଷୀରେ ପୁଣେରୁ ଦିଲ୍ଲୀ ପର୍ଯ୍ୟନ୍ତ ଏକ ପ୍ରତିକାତ୍ମକ ସାହିତ୍ୟ ଟ୍ରେନ୍ ଯାତ୍ରା ଅନ୍ତର୍ଭୁକ୍ତ ରହିଛି । ଏଥିରେ ୧ହଜାର ୨୦୦ ପ୍ରତିଯୋଗି ଅଂଶଗ୍ରହଣ କରି ସାହିତ୍ୟର ଏକତା ଭାବନାକୁ ପ୍ରଦର୍ଶନ କରିବେ । ଏହି ସମ୍ମିଳନୀ ଅବସରରେ ୨ହଜାର ୬୦୦ରୁ ଅଧିକ କବିତା ସଂକଳନର ଉପସ୍ଥାପନା,

୫୦ଟି ପୁସ୍ତକ ଉନ୍ମୋଚନ ହେବ । ସେହିଭଳି ଏଥିରେ ୧୦୦ଟି ପୁସ୍ତକ ପ୍ରଦର୍ଶନୀ ମଣ୍ଡପ ଖୋଲାଯାଇଛି ।

## ମହାକୁମ୍ଭ-ଜେଲ୍

ପ୍ରୟାଗରାଜ ମହାକୁମ୍ଭ ମେଳା ପାଳନ ଅବସରରେ ଉତ୍ତର ପ୍ରଦେଶର ବିଭିନ୍ନ ଜେଲ୍‌ରେ ବନ୍ଦୀ ଥିବା କଏଦୀଙ୍କ ଲାଗି ଜେଲ୍ ପରିସରରେ ଆଜି ପବିତ୍ର ସ୍ନାନର ବ୍ୟବସ୍ଥା କରାଯାଇଛି । ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମଥର ପାଇଁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି । ତ୍ରିବେଣୀ ସଂଗମରୁ ପବିତ୍ର ଜଳ ଜେଲ୍ ପରିସରକୁ ଅଣାଯାଇ କଏଦୀଙ୍କୁ ସ୍ନାନ ପାଇଁ ଯୋଗାଇ ଦିଆଯିବ ।

ଏ ସମ୍ପର୍କରେ ସୂଚନା ଦେଇ ଆମ ସମ୍ବାଦଦାତା କହିଛନ୍ତି : **V/O**

## ପୀୟୂଷ ଗୋୟଲ

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ବୈଶ୍ୱିକ ସ୍ତରରେ ବିଭିନ୍ନ ଦେଶ ମଧ୍ୟରେ ଚାଲିଥିବା ସଂଘର୍ଷ ନିରନ୍ତର ବିକାଶ ଲକ୍ଷ୍ୟ ହାସଲ ଦିଗରେ ଆହ୍ୱାନ ସୃଷ୍ଟି କରୁଛି । ପୁଣେ ଠାରେ ଷଷ୍ଠ ବାର୍ଷିକ ଏସିଆ ଅର୍ଥନୈତିକ ଆଲୋଚନାଚକ୍ରକୁ ଗତକାଲି ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ

ଗୋୟଲ୍ ଏହା କହିଛନ୍ତି । ବିଦ୍ୟୁତ୍, ଜଳ ଏବଂ ସଡ଼କ ଭଳି ଅତ୍ୟାବଶ୍ୟକ ଭିତ୍ତିଭୂମିର ଉପଲବ୍ଧତା ଉପରେ ମନ୍ତ୍ରୀ ଶ୍ରୀ ଗୋୟଲ ଗୁରୁତ୍ୱାରୋପ କରିଛନ୍ତି । ଗତ ୧୧ ବର୍ଷ ମଧ୍ୟରେ ଏହି କ୍ଷେତ୍ର ଗୁଡ଼ିକରେ ସରକାର ଗ୍ରହଣ କରିଥିବା ପଦକ୍ଷେପ ଗୁଡ଼ିକ ଉପରେ ମନ୍ତ୍ରୀ ଶ୍ରୀ ଗୋୟଲ୍ ଏହି ଅବସରରେ ଆଲୋକପାତ କରିଥିଲେ ।  ଏହି ତିନି ଦିନିଆ ସମ୍ମିଳନୀରେ ଅଷ୍ଟ୍ରେଲିଆ, ଇଜିପ୍ଟ, ଇଣ୍ଡୋନେସିଆ, ଜାପାନ, ନେପାଳ, ନେଦରଲାଣ୍ଡ, ସିଙ୍ଗାପୁର, ଦକ୍ଷିଣ ଆଫ୍ରିକା ଏବଂ ଶ୍ରୀଲଙ୍କା ନୀତିନିର୍ଦ୍ଧାରକ, ଶିକ୍ଷାବିତ୍ ଓ ଶିଳ୍ପ ବିଶେଷଜ୍ଞ ଏକାଠି ହୋଇ ଏସିଆରେ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଓ ବିକାଶ ମୂଳକ କ୍ଷେତ୍ର ଉପରେ ଆଲୋଚନା କରିବେ ।

## ଶ୍ରୀଲଙ୍କା ପ୍ରେସିଡେଣ୍ଟ

ଶ୍ରୀଲଙ୍କା ରାଷ୍ଟ୍ରପତି ଅନୁରା କୁମାର ଦିଶାନାଏକେ କହିଛନ୍ତି, ବିଶ୍ୱର ଅନ୍ୟତମ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ ହେବା ଲକ୍ଷ୍ୟରେ ଭାରତ ଉଦ୍ଭାବନକୁ ପ୍ରାଥମିକତା ପ୍ରଦାନ କରିଛି । କଲମ୍ବୋ ଠାରେ ଇନୋଭେସନ୍ ଆଇଲାଣ୍ଡ ଶିଖର ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶ୍ରୀ ଦିଶାନାଏକେ ଏହା କହିଛନ୍ତି । ଭାରତର ଏଭଳି ପଦକ୍ଷେପକୁ ଅନୁସରଣ କରିବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଶ୍ରୀଲଙ୍କାକୁ ଡିଜିଟାଲ୍ ଅର୍ଥନୀତିରେ ପରିଣତ କରି ଏହାର ଉନ୍ନତି କରାଯାଇ ପାରିବ

ବୋଲି ସେ କହିଛନ୍ତି । ବ୍ୟବସାୟ ଏବଂ ଉଦ୍ଭାବନ ପାଇଁ ଶ୍ରୀଲଙ୍କାରେ ଉତ୍କୃଷ୍ଟ ବାତାବରଣ ରହିଛି । ଭାରତ ଡିଜିଟାଲ୍ ସଂଯୋଗର ବିଭିନ୍ନ ପ୍ରକଳ୍ପ ଶ୍ରୀଲଙ୍କାରେ କାର୍ଯ୍ୟକାରୀ କରିବା ନେଇ ପଦକ୍ଷେପ ନେଇଛି ବୋଲି ସେ ସୂଚନା ଦେଇଛନ୍ତି । ଶ୍ରୀଲଙ୍କାର ଡିଜିଟାଲ୍ ପଦକ୍ଷେପକୁ ଏହା ପ୍ରୋତ୍ସାହନ ପ୍ରଦାନ କରିବ । ଏହି କାର୍ଯ୍ୟକ୍ରମରେ ଭାରତର ଜି-୨୦ ସେର୍ପା ଅମିତାଭ କାନ୍ତ ଯୋଗଦେଇ ଶ୍ରୀଲଙ୍କାରେ ପ୍ରଯୁକ୍ତିବିଦ୍ୟା ଏବଂ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ କାର୍ଯ୍ୟ କରିବା ଉପରେ ପରାମର୍ଶ ଦେଇଛନ୍ତି ।

## ମାଟ୍ରିକ୍ ପରୀକ୍ଷା

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ପରୀକ୍ଷା ରାଜ୍ୟରେ ଆଜିଠାରୁ ଆରମ୍ଭ ହେଉଛି। ଚଳିତବର୍ଷ ୩ ହଜାର ୨୯ଟି ପରୀକ୍ଷା କେନ୍ଦ୍ରରେ ୫ ଲକ୍ଷ ୨୦ହଜାର ୬୪୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି । ଏ ସମ୍ପର୍କରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ  ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ତ୍ରୁଟିଶୂନ୍ୟ ପରୀକ୍ଷା ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଛି । ପରୀକ୍ଷା ସମୟରେ ଅନିୟମିତତା ରୋକିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ।

**V/o-**

ମାଟ୍ରିକ୍ ପରୀକ୍ଷା ସହ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ସଂସ୍କୃତ ମଧ୍ୟମା ପରୀକ୍ଷା ମଧ୍ୟ ଆଜିଠାରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖ ପର୍ଯ୍ୟନ୍ତ ଚାଲିବ।

ଚାପମୁକ୍ତ ହୋଇ ପରୀକ୍ଷା ଦେବାପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି ।

## ଆଇସିସି କ୍ରିକେଟ୍

ଆଇ.ସି.ସି. ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ଗତକାଲିର ମ୍ୟାଚ୍‌ରେ ବିଜୟ ସହ ତାର ଅଭିଯାନ ଆରମ୍ଭ କରିଛି । ଦୁବାଇ ଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଭାରତ ବାଂଲାଦେଶକୁ ୬ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଗ୍ରୁପ୍-ଏ ପର୍ଯ୍ୟାୟର ଏହି ମ୍ୟାଚ୍‌ରେ ଟସ୍ ଜିତି ବାଂଲାଦେଶ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୫୦ଓଭରରୁ ୪୯ ଓଭର ଓ ୪ଟି ବଲ୍‌ରେ ବାଂଲାଦେଶ ସମସ୍ତ ଓ୍ୱିକେଟ୍ ହରାଇ ୨୨୮ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ତୋହିଦ୍ ହ୍ରିଦଏ ୧୧୮ଟି ବଲ୍‌ରୁ ସର୍ବାଧିକ ୧୦୦ରନ୍ କରିଥିବା ବେଳେ ଜାକର ଅଲି ୬୮ରନ୍ ସଂଗ୍ରହ କରିଥିଲେ । ଭାରତ ପକ୍ଷରୁ ମହମ୍ମଦ ଶାମି ସର୍ବାଧିକ ୫ଟି ଓ୍ୱିକେଟ୍ ଏବଂ ହର୍ଷିତ ରାଣା ୩ଟି ଓ ଅକ୍ଷର ପଟେଲ୍ ୨ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ ।

୨୨୯ରନ୍‌ର ବିଜୟ ଲକ୍ଷ୍ୟକୁ ଭାରତ ୪ ଓ୍ୱିକେଟ୍ ବିନିମୟରେ ୪୭ ଓଭରରେ ହାସଲ କରିପାରିଥିଲା । ଭାରତ ପକ୍ଷରୁ ଶତକୀୟ ପାଳି ଖେଳିଥିବା ଶୁଭମନ ଗିଲ୍‌ଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି ।

ଆଜି ଆଫ୍‌ଗାନିସ୍ତାନ ଏବଂ ଦକ୍ଷିଣ ଆଫ୍ରିକା ମଧ୍ୟରେ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଖେଳାଯିବ । ପାକିସ୍ତାନର କରାଚିର ଜାତୀୟ ଷ୍ଟାଡିୟମ୍ ଠାରେ ଭାରତୀୟ ସମୟ ଅପରାହ୍ଣ ସାଢ଼େ ୨ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ ।

## ହକି ଏଫ୍‌ଆଇଏଚ୍

ଏଫ୍.ଆଇ.ଏଚ୍. ହକି ପ୍ରୋ ଲିଗ୍ ପ୍ରତିଯୋଗିତାରେ ଆଜି ଭାରତୀୟ ମହିଳା ଦଳ ଜର୍ମାନୀ ବିରୁଦ୍ଧରେ ମ୍ୟାଚ୍ ଖେଳିବ । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ଠାରେ ଅପରାହ୍ଣ ୫ଟା ୧୫ ମିନିଟ୍‌ରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ । ପଏଣ୍ଟ ତାଲିକାରେ ଭାରତୀୟ ଦଳ ମହିଳା ବର୍ଗରେ ତାଲିକାର ଅଷ୍ଟମ ସ୍ଥାନକୁ ସ୍ଥାନିତ ହୋଇଛନ୍ତି ।

ଅନ୍ୟ ପକ୍ଷରେ ପୁରୁଷ ବର୍ଗରେ ଭାରତ-ଆୟରଲାଣ୍ଡ ମଧ୍ୟରେ ମୁକାବିଲା ହେବ । କଳିଙ୍ଗ ଷ୍ଟାଡିୟମ୍ ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଖେଳାଯିବ । ପୁରୁଷ ବର୍ଗରେ ଭାରତୀୟ ଦଳ ତାଲିକାର ସପ୍ତମ ସ୍ଥାନରେ ରହିଛି ।